Pragativadi, Jan 30, 2017

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ଜିଏମ୍ଆର୍ ପୁରସ୍କୃତ

ଢେଙ୍କାନାଳ, ୨୭।୧: କମଳାଙ୍ଗର ଜିଏମ୍ଆର୍ କମ୍ପାନୀ ପକ୍ଷରୁ ଅଧିକ ରକ୍ତଦାନ ଶିବିର ପ୍ରକଳ୍ପ ଏହାର ପରିସରରେ ଆୟୋଜନ କରିଥିବାରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଏମ୍ଆର୍ ପୁରସ୍କୃତ ହୋଇଛି। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ରିଜର୍ଭ ପୋଲିସ୍ ପଡ଼ିଆ ଠାରେ ଜନରାଜ୍ୟ ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲାରେ ଏହି ପୁରସ୍କାର ପାଇବାରେ ବିକେଇଲ ପ୍ରଥମ କମ୍ପାନୀ। ଏଥିପାଇଁ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ଚିଫ୍ ଅପରେଟିଂ ଅଫିସର ରମେଶ୍ ଆର୍ ପାଲ୍ ଭବିଷ୍ୟତରେ କମ୍ପାନୀ ଚତୁଃପାର୍ଶ୍ୱରେ ରହୁଥିବା ଗ୍ରାମବାସୀମାନେ ରକ୍ତଦାନ ପାଇଁ ସେମାନଙ୍କୁ ଏହି ପୁରସ୍କାର ଉତ୍ସାହିତ କରିବ ବୋଲି କହିଛନ୍ତି।



GKEL awarded for holding blood donation camps